# NATIONAL NEWS BULLETIN (ODIA)

## 28 April - 2026

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଦେଶର ନୀତିନିର୍ଦ୍ଧାରଣରେ ମହିଳାଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ସରକାର ଅଙ୍ଗୀକାରବଦ୍ଧ; କହିଲେ ପ୍ରଧାନମନ୍ତ୍ରୀ

– ବାରଣାସୀଠାରେ ୬ ହଜାର ୩୫୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ

- ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ହେବ ମତଗ୍ରହଣ

- ଚଳିତ ଶିକ୍ଷା ବର୍ଷ ପାଇଁ ଏନ୍.ସି.ଇ.ଆର୍.ଟି. ପାଠ୍ୟପୁସ୍ତକର ଉପଲବ୍ଧତା, ମୁଦ୍ରଣ ଓ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କଲେ ଶିକ୍ଷା ମନ୍ତ୍ରୀ

- ଗ୍ରୀଷ୍ମ ପ୍ରକୋପର ମୁକାବିଲା କରିବା ଲକ୍ଷ୍ୟ ନେଇ ପରାମର୍ଶାବଳୀ ଜାରି କଲେ କେନ୍ଦ୍ର ସରକାର

ଏବଂ

- ଆଇପିଏଲ୍ କ୍ରିକେଟର ଆଜିର ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ କିଙ୍ଗ୍‌ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କଲା ରାଜସ୍ଥାନ ରୟାଲ୍ସ

# ପିଏମ୍– ବାରଣାସୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର ନୀତି ନିର୍ଦ୍ଧାରଣରେ ମହିଳାଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ସରକାର ଅଙ୍ଗୀକାରବଦ୍ଧ। ଲୋକସଭା ଏବଂ ବିଧାନସଭାରେ ମହିଳାଙ୍କ ପାଇଁ ସଂରକ୍ଷଣ କାର୍ଯ୍ୟକାରୀ କରିବା ହେଉଛି ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ସେ କହିଛନ୍ତି। ବିକଶିତ ମହିଳା ଶକ୍ତି ଭାରତର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ଭାବେ ଶ୍ରୀ ମୋଦୀ ବର୍ଣ୍ଣନା କରିଛନ୍ତି। ବାରଣାସୀରେ ମହିଳା ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ ଏହା କହିଛନ୍ତି।

**V/O– (Women Bill)**

ଏହି ଅବସରରେ ବାରଣାସୀଠାରେ ୬ ହଜାର ୩୫୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶ୍ରୀ ମୋଦୀ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ଯୋଗାଯୋଗ, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ସହରାଞ୍ଚଳ ଭିତ୍ତିଭୂମି ଭଳି ପ୍ରମୁଖ କ୍ଷେତ୍ର ଅନ୍ତର୍ଭୁକ୍ତ। ଦୁଇଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଚଳାଚଳକୁ ଶ୍ରୀ ମୋଦୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏଥିସହ ଦେଶରେ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ସଂଖ୍ୟା ୬୬କୁ ବୃଦ୍ଧି ପାଇଛି। ଗଙ୍ଗାନଦୀ ଉପରେ ଏକ ରେଳ–ସଡ଼କ

ସେତୁ ନିର୍ମାଣ ପ୍ରକଳ୍ପ  ଏବଂ ବାରଣାସୀ–ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଜଙ୍କସନ୍ ତୃତୀୟ ଓ ଚତୁର୍ଥ ରେଳଲାଇନ୍ ପ୍ରକଳ୍ପର ଶ୍ରୀ ମୋଦୀ ଏହି ଅବସରରେ ଶିଳାନ୍ୟାସ କରିଛନ୍ତି ।

ଗସ୍ତ ଅବସରରେ ଶ୍ରୀ ମୋଦୀ ଆସନ୍ତାକାଲି ବାରଣାସୀର କାଶୀ ବିଶ୍ୱନାଥ ମନ୍ଦିରରେ ଦର୍ଶନ ଓ ପୂଜା କରିବାର କାର୍ଯ୍ୟସୂଚୀ ରହିଛି । ହରଦୋଇଠାରେ ଗଙ୍ଗା ଏକ୍ସପ୍ରେସ୍ ଓ୍ୱେ'ର ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଉଦ୍‌ଘାଟନ କରିବେ ।

## ପଶ୍ଚିମବଙ୍ଗ– ଇଲେକସନ୍

ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ମତଗ୍ରହଣ କରାଯିବ । ସ୍ୱଚ୍ଛ ତଥା ନିରପେକ୍ଷ ମତଦାନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି । ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି ପର୍ଯ୍ୟାୟରେ ୭ଟି ଜିଲ୍ଲାରେ ୧୪୨ଟି ଆସନ ପାଇଁ ଭୋଟ୍ ଗ୍ରହଣ ହେବ । ୩ କୋଟି ୨୦ ଲକ୍ଷରୁ ଅଧିକ ଭୋଟର ୧ ହଜାର ୪୪୮ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏଥିପାଇଁ ମୋଟ୍ ୪୧ ହଜାର ୧ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ଆସନ୍ତା ମାସ ୪ ତାରିଖରେ ଉଭୟ ପର୍ଯ୍ୟାୟ ଭୋଟ୍‌ଗଣତି ସହ ଫଳାଫଳ ପ୍ରକାଶ ପାଇବ ।

## ଏନ୍‌ସିଆରଟି ଟେଷ୍ଟ ବୁକ୍ – ପ୍ରଧାନ

ଚଳିତ ଶିକ୍ଷା ବର୍ଷ ପାଇଁ ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ– ଏନ୍.ସି.ଇ.ଆର୍.ଟି. ଦ୍ୱାରା ପ୍ରକାଶିତ ପାଠ୍ୟ ପୁସ୍ତକର ଉପଲବ୍ଧତା, ମୁଦ୍ରଣ ଏବଂ ବଣ୍ଟନ ବ୍ୟବସ୍ଥାର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୀକ୍ଷା କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ପୁସ୍ତକର ଉପଲବ୍ଧତା ନେଇ ଶ୍ରୀ ପ୍ରଧାନ ସମୀକ୍ଷା କରିବା ସହ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୁସ୍ତକ ବଣ୍ଟନ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟ କର୍ତ୍ତୃପକ୍ଷ ଏବଂ ପୁସ୍ତକ ବଣ୍ଟନ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ପାଖରେ ପାଠ୍ୟପୁସ୍ତକ ପହଁଞ୍ଚିବା ପର୍ଯ୍ୟନ୍ତ ଡିଜିଟାଲ ପାଠ୍ୟପୁସ୍ତକ ଉପଲବ୍ଧତା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱ ଦେଇଛନ୍ତି। ଏଭଳି ମଧ୍ୟବର୍ତ୍ତୀକାଳୀନ ପଦକ୍ଷେପ ନିରନ୍ତର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

## ଗଭ୍– ହିଟ୍‌ୱେଭ୍ ଆଡଭାଇଜରୀ

ଦେଶରେ ବୃଦ୍ଧି ପାଉଥିବା ତାପମାତ୍ରା ଏବଂ ଗ୍ରୀଷ୍ମ ପ୍ରକୋପକୁ ମୁକାବିଲା କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ଏକ ପରାମର୍ଶବଳୀ ଜାରି କରିଛନ୍ତି। ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଗ୍ରୀଷ୍ମ ପ୍ରକୋପରୁ ଶ୍ରମିକ ଶ୍ରେଣୀକୁ ସୁରକ୍ଷା ଦେବା ନେଇ ଏଥିରେ କେତେକ ପରାମର୍ଶ ଦିଆଯାଇଛି। ଶ୍ରମ କ୍ଷେତ୍ରରେ ନିୟୋଜିତ ଲୋକଙ୍କୁ ସୁରକ୍ଷା ଦେବା ପାଇଁ

ଏକ ସମନ୍ୱିତ ବ୍ୟାପକ ପଦ୍ଧତିର ଆବଶ୍ୟକତା ଉପରେ ଏଥିରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଗ୍ରୀଷ୍ମ ପ୍ରକୋପର ସ୍ଥିତିକୁ ଦୃଷ୍ଟିରେ ରଖି ନିଯୁକ୍ତିଦାତା, ଉଦ୍ୟୋଗୀ, ଶିଳ୍ପ, ଏବଂ ନିର୍ମାଣ କମ୍ପାନୀଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶାବଳୀ ଜାରି କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କୁହାଯାଇଛି। କାର୍ଯ୍ୟକ୍ଷେତ୍ରରେ ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ବିଶ୍ରାମ କ୍ଷେତ୍ର ଏବଂ ଥଣ୍ଡା ବାତାବରଣ ସୃଷ୍ଟି କରିବାକୁ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ଭାବରେ ଶ୍ରମିକଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ନିର୍ମାଣ କ୍ଷେତ୍ର, ଇଟାଭାଟି ଏବଂ ଦିନ ମଜୁରିଆଙ୍କ ପାଇଁ ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। କର୍ମଚାରୀ ରାଜ୍ୟ ବୀମା ନିଗମ ଏବଂ ଶ୍ରମ କଲ୍ୟାଣ ମହାନିର୍ଦ୍ଦେଶକଙ୍କ ଅଧୀନରେ ଥିବା ଚିକିତ୍ସାଳୟଗୁଡ଼ିକରେ ଅଂଶୁଘାତ ଜନିତ ମାମଲା କ୍ଷେତ୍ରରେ ତୁରନ୍ତ ସେବା ପ୍ରଦାନ ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ସହାୟତା କେନ୍ଦ୍ର ସ୍ଥାପନ କରିବାକୁ କୁହାଯାଇଛି। ଶ୍ରମ କ୍ଷେତ୍ରରେ ଅଂଶୀଦାର ଥିବା ସଂଗଠନଗୁଡ଼ିକୁ ପରିସ୍ଥିତିର ସମୀକ୍ଷା କରିବା ସହ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକୁ ନେଇ ପାକ୍ଷିକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଇଣ୍ଟରମିନିଷ୍ଟ୍ରିଆଲ ବ୍ରିଫିଂ

ଦେଶରେ ଘରୋଇ ଏଲ୍.ପି.ଜି., ପି.ଏନ୍.ଜି. ଏବଂ ପରିବହନ ପାଇଁ ସି.ଏନ୍.ଜି.ର ଶତପ୍ରତିଶତ ଯୋଗାଣ ସରକାର ନିଶ୍ଚିତ କରିଛନ୍ତି। ନୂଆଦିଲ୍ଲୀରେ ଏକ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଘରୋଇ ଏଲ୍.ପି.ଜି. ଯୋଗାଣ ସ୍ଥିର ରହିଛି। ପ୍ରତ୍ୟେକ ବିତରକଙ୍କ ପାଖରେ ଘରୋଇ ଏଲ୍.ପି.ଜି. ମହଜୁଦ ରହିଛି। ବାଣିଜ୍ୟିକ ଏଲ୍.ପି.ଜି. ଏବଂ ପି.ଏନ୍.ଜି. ଯୋଗାଣକୁ ସରକାର ୭୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଡାକ୍ତରଖାନା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏଲ୍.ପି.ଜି. ଏବଂ ପି.ଏନ୍.ଜି. ଯୋଗାଣରେ ପ୍ରାଥମିକତା ଦିଆଯାଉଛି। ପ୍ରବାସୀ ଶ୍ରମିକଙ୍କ ପାଇଁ ୫ କିଲୋଗ୍ରାମ ବିଶିଷ୍ଟ ମୁକ୍ତ ବାଣିଜ୍ୟ ଏଲ୍.ପି.ଜି. ସିଲିଣ୍ଡର ଯୋଗାଣ ଦୁଇଗୁଣ ହୋଇଛି। ଶ୍ରୀମତୀ ଶର୍ମା କହିଛନ୍ତି, ଚଳିତ ମାସରେ ଅଦ୍ୟାବଧି ୧ ଲକ୍ଷ ୭୫ ହଜାର ଟନ୍‌ରୁ ଅଧିକ ବାଣିଜ୍ୟିକ ଏଲ୍.ପି.ଜି. ବିକ୍ରି ହୋଇଛି। ଗତକାଲି ୯ ହଜାର ୫୭୮ ଟନ୍‌ରୁ ଅଧିକ ବିକ୍ରି ହୋଇଥିବା ରେକର୍ଡ ହୋଇଛି।

ବୟନ ମନ୍ତ୍ରଣାଳୟର ବାଣିଜ୍ୟିକ ପରାମର୍ଶଦାତା ବିପିନ ମେନନ୍ କହିଛନ୍ତି, ଜାହାଜ ଯୋଗେ ପରିବହନ ଏବଂ ପରିଚାଳନା ଭଳି ସମସ୍ୟାର ସମାଧାନ କରାଯାଉଛି। ରପ୍ତାନୀକାରୀମାନଙ୍କୁ ଜେଦାହା ଭଳି ବିକଳ୍ପ ରାସ୍ତା ଓ ବନ୍ଦର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ନିର୍ଦ୍ଦେଶକ ମୁକେଶ ମଙ୍ଗଲ କହିଛନ୍ତି, ଉପସାଗରୀୟ ଅଞ୍ଚଳରେ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି ଏବଂ ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ଧ୍ୱଜାଧାରୀ ଜାହାଜ ସହିତ କୌଣସି ଅଘଟଣ ଘଟିଥିବାର ସୂଚନା ନାହିଁ। ଶ୍ରୀ ମଙ୍ଗଲ କହିଛନ୍ତି, ଭାରତୀୟ ନାବିକମାନଙ୍କୁ ସୁରକ୍ଷିତ ସ୍ୱଦେଶ ଫେରାଇ ଆଣିବାକୁ ମନ୍ତ୍ରଣାଳୟ ପକ୍ଷରୁ ବ୍ୟବସ୍ଥା କରାଯାଉଛି।

## ଗଡ଼କରୀ- ଟ୍ରାନ୍ସପୋର୍ଟ ସିଷ୍ଟମ

ଦେଶର ପରିବହନ ବ୍ୟବସ୍ଥାକୁ ବିଶ୍ୱ ମାନଦଣ୍ଡ ଭଳି କରିବାକୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଫଳରେ ଦେଶବାସୀଙ୍କୁ ନିରାପଦ, ଦକ୍ଷ ଏବଂ ଆରାମଦାୟକ ଯାତ୍ରା ପ୍ରଦାନ କରାଯାଇପାରିବ। ନୂଆଦିଲ୍ଲୀରେ ଆଜି 'ବସ୍‌ୱାର୍ଲଡ୍ ଇଣ୍ଡିଆ ସମ୍ମିଳନୀ-୨୦୨୬'କୁ ସମ୍ବୋଧନ କରି ଶ୍ରୀ ଗଡ଼କରୀ କହିଛନ୍ତି, ଦେଶରେ ପରିବହନ କ୍ଷେତ୍ରରେ ଗୁଣବତ୍ତା ଏବଂ ଆରାମଦାୟକ ଯାତ୍ରାକୁ ପ୍ରାଥମିକତା ପ୍ରଦାନ କରାଯାଉଛି। ଉଚ୍ଚମାନର ରାଜପଥ ବିକାଶ' ଯାତ୍ରା ସମୟକୁ ହ୍ରାସ କରିବା ସହ ସଂଯୋଗୀକରଣକୁ ତ୍ୱରାନ୍ୱିତ କରିଛି। ଦିଲ୍ଲୀ-ଡେରାଡୁନ୍ ମଧ୍ୟରେ ପୂର୍ବରୁ ୯ ଘଣ୍ଟା ସମୟ ଲାଗୁଥିବା ବେଳେ ଏବେ ଏହା ୨ ଘଣ୍ଟାକୁ ହ୍ରାସ ପାଇପାରିଛି। ଶ୍ରୀ ଗଡ଼କରୀ କହିଛନ୍ତି, ଦ୍ରୁତ, ସୁରକ୍ଷିତ ଏବଂ ପରିବେଶଗତ ସ୍ଥାୟୀ ପରିବହନକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଦେଶବ୍ୟାପୀ ୩୬ଟି ଗ୍ରୀନ୍ ଏକ୍ସପ୍ରେସ୍ ୱେ' ବିକଶିତ କରାଯାଉଛି।

## ଇକ୍ୱେଡ୍‌ର- ଏଫ୍‌ଏମ୍ ଭିଜିଟ୍

ଇକ୍ୱେଡରର ବୈଦେଶିକ ବ୍ୟାପାର ଏବଂ ଆନ୍ତଃ ଯୋଗାଯୋଗ ମନ୍ତ୍ରୀ ଗ୍ରାବିଏଲ ସୋମରଫେଲ୍ଡ଼ ଆସନ୍ତାକାଲି ତିନିଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଇକ୍ୱେଡରର ମନ୍ତ୍ରୀ ସୋମରଫେଲ୍ଡ଼ ଆସନ୍ତାକାଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିବେ। ରାଜଘାଟଠାରେ ଗାନ୍ଧୀ ସମାଧିସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିବାର କାର୍ଯ୍ୟସୂଚୀ ରହିଛି। ଗସ୍ତ ଅବସରରେ ସୋମରଫେଲ୍ଡ଼' ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି.ନଡ୍ଡା, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋଏଲ ଏବଂ ବୈଦେଶିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ପବିତ୍ର ମାର୍ଘେରିଟାଙ୍କ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି।

## ରିଲାକ୍ସ—ଏଫ୍‌ଟିଏ

ଦେଶର ଇଲେକଟ୍ରୋନିକ୍ସ କ୍ଷେତ୍ର ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ରାଜିନାମାକୁ ପ୍ରଶଂସା କରିଛି। ଏକ ଭିଡିଓ ବାର୍ତ୍ତାରେ ଇଣ୍ଡିଆ ସେଲୁଲାର ଏବଂ ଇଲେକ୍‌ଟ୍ରୋନିକ୍ସ ଆସୋସିଏସନ୍ ଅଧ୍ୟକ୍ଷ ପଙ୍କଜ ମୋହିନ୍ଦ୍ରୁ ଏହି ଚୁକ୍ତିନାମାକୁ ବିଗତ ଏକ ବର୍ଷ ଧରି ସରକାରଙ୍କ ନିରନ୍ତର ପ୍ରୟାସର ଫଳ ବୋଲି ବର୍ଣ୍ଣନା କରିଛନ୍ତି। ସରକାରଙ୍କର ଏହି ଆଭିମୁଖ୍ୟକୁ ଶ୍ରୀ ମୋହିନ୍ଦ୍ରୁ ପ୍ରଶଂସା କରିବା ସହିତ ମୁକ୍ତ

ବାଣିଜ୍ୟ ରାଜିନାମାକୁ ସ୍ୱାଗତ କରି କହିଛନ୍ତି, ଏହି ଚୁକ୍ତିନାମା ଅତ୍ୟନ୍ତ ସନ୍ତୁଳିତ, କାରଣ ଏହା ନୂତନ ବଜାର ସୁଯୋଗ ସୃଷ୍ଟି କରିବା ସହିତ ଘରୋଇ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରୁଛି ।

## ୱେଟଲିଫ୍ଟିଂ ଗୋଲ୍ଡ

ରାଜ୍ୟଗୋଷ୍ଠୀ ଯୁବ ଏବଂ କନିଷ୍ଠ ଭାରୋତ୍ତଳନ ଚମ୍ପିଆନସିପ୍‌ରେ ଆଜି ଦ୍ୱିତୀୟ ଦିନରେ ଭାରତ ୪ଟି ସ୍ୱର୍ଣ୍ଣପଦକ ହାସଲ କରିଛି । ସମୋଆର ଅପିଆଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ୬୫ କିଲୋଗ୍ରାମ ପୁରୁଷ ବର୍ଗରେ ସୁନୀଲ ସିଂ ୨୭୧ କିଲୋଗ୍ରାମ ଭାରୋତ୍ତଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ୫୮ କିଲୋଗ୍ରାମ ମହିଳା ବର୍ଗରେ ଐସାଙ୍ଗଫା ଗୋଗୋଇ ୭୧ କିଲୋଗ୍ରାମ ପୁରୁଷ ବର୍ଗରେ ଅଭିନବ ଗୋଗୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ୟୁନିଭର୍ସାଲ କପ ୬୫ କିଲୋଗ୍ରାମ ପୁରୁଷ ବର୍ଗରେ ଚାରୁ ପେଶି ସ୍ୱର୍ଣ୍ଣପଦକ ପାଇଛନ୍ତି । ଭାରତୀୟ ଭାରୋତ୍ତଳନ ସଂଘର ସଭାପତି ସହଦେବ ଯାଦବ ଖେଳାଳିଙ୍କୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟପରେ ପଞ୍ଜାବ କିଙ୍ଗସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ନିଉ ଚଣ୍ଡିଗଡ଼ର ମହାରାଜା ଯଦବେନ୍ଦ୍ର ସିଂହ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଖେଳାଯିବ । ରାଜସ୍ଥାନ ରୟାଲ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ପଞ୍ଜାବ କିଙ୍ଗ୍‌ସ ଅଦ୍ୟାବଧି ୭ଟି ମ୍ୟାଚ୍ ଖେଳି ୬ଟି ବିଜୟ ସହ ୧୩ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିବା ବେଳେ ରାଜସ୍ଥାନ ରୟାଲ୍ସ ୮ଟି ମ୍ୟାଚ୍‌ରୁ ୫ଟି ବିଜୟ ସହ ୧୦ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି ।